**ବାଇକ୍ ଦୁର୍ଘଟଣାରେ ଜଣେ ମୃତ**

ପରଜଙ୍ଗ,(ନିଗମାନନ୍ଦ ଦଳବେହେରା): ପରଜଙ୍ଗ ଥାନା କନ୍ଦରସିଂହା ଗ୍ରାମର କଷ୍ଟୁ ମହାରଣା ଶନିବାର ପ୍ରାୟ ଦୁଇଟା ସମୟରେ ଚାଲି ଚାଲି ଘରକୁ ଯାଉଥିବା ବେଳେ ତାଙ୍କ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ଆରୋହୀ ମଧ ଦୁର୍ଘଟଣାରେ ଗୁରୁତର ଥିବା ସୂଚନା ମିଳିଛି। ବାଇକ୍ ଆରୋହୀ ହେଲେ ସେହି ଗ୍ରାମର ଲାଲୁ ବିଶ୍ୱାଳ (୩୦)।

**ଆଗ୍ନେୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

# ଗର୍ବ ନ ଆଣି ମନରେ କୃତଜ୍ଞତା ଆଣନ୍ତୁ : ତଥାଗତ



ମହୋତ୍ସବରେ କଳିଙ୍ଗ ହସ୍ପିଟାଲ ଲିମିଟେଡର ଅଧ୍ୟକ୍ଷ ଡା. ସୀତାକାନ୍ତ ଦାଶଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟ ଅତିଥି 'ଧରିତ୍ରୀ' ତଥା 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ଅନ୍ୟ ଅତିଥିବୃନ୍ଦ।

ଢେଙ୍କାନାଳ,୧୧।୧(ରତନ ନାୟାର)

ଢେଙ୍କାନାଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବଜରଙ୍ଗ କ୍ଲବର ବାର୍ଷିକ ଉତ୍ସବ 'ଆଗ୍ନେୟ-୨୦୨୫'ର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଆମେ କାହିଁକି ଗର୍ବିତ ହେଉ । କିଏ ଗର୍ବିତ ହୋଇପାରେ । ସିଆଚେନ୍‌ରେ ସୁରକ୍ଷା ଦେଉଥିବା ସୈନିକଟିଏ ଯୁଦ୍ଧ ହେଉ ନ ଥିବା ସମୟରେ ଶୀତ କାକରରେ ରହୁଥିବା ବେଳେ ଚାଷ କରୁଥିବା ଚାଷୀ ସାମାଜିକ ସ୍ତରରେ ସବୁଠୁ ତଳେ ରହିଛି । ଚାଖଣ୍ଡେ ପେଟ ଯଦି କିଏ ପୂରାଇଥାଏ, ସେ ହେଉଛି ଚାଷୀ । ଆମେ ଗୌରବାନ୍ୱିତ ନ ହୋଇ ଏ ମାଟି ପାଇଁ କୃତଜ୍ଞ ହେବା ଦରକାର। ଗର୍ବ ନ ଆଣି ମନରେ କୃତଜ୍ଞତା ଆଣନ୍ତୁ ବୋଲି ସତପଥୀ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବଜରଙ୍ଗ କ୍ଲବ ହିଁ ଲୋକମାନଙ୍କୁ ସହାୟତାର ହାତ ବଢାଇଥାଏ । ଏହା ଏକ ରାଜନୈତିକ ଦଳର ଅନୁଷ୍ଠାନ ନୁହେଁ । ଏହାଏକ ସାମାଜିକ ଅନୁଷ୍ଠାନ, ଯିଏକି ସମସ୍ତଙ୍କର ସୁଖଦୁଃଖର ସାଥୀ ବୋଲି ସାମଲ କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ କହିଲେ ଯେ, ସୁସ୍ଥ ସମାଜରେ ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବଜରଙ୍ଗ କ୍ଲବର ଆଗ୍ନେୟ ଉତ୍ସବ ଢେଙ୍କାନାଳର ଯୁବପିଢ଼ିଙ୍କୁ ଉତ୍ସାହିତ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆମେରିକାରେ ବସବାସ କରୁଥିବା କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ଅଧ୍ୟକ୍ଷ ଡା. ସୀତାକାନ୍ତ ଦାଶଙ୍କୁ ବଜରଙ୍ଗ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କ ସହିତ ତାଙ୍କର ପତ୍ନୀ କଳ୍ପନା ଦାଶ ମଧ ଉପସ୍ଥିତ ଥିଲେ । ଡା. ସୀତାକାନ୍ତ ଦାଶ କହିଲେ ଯେ, ସେ ପ୍ରବାସୀ ହେଲେ ମଧ ଜଣେ ଓଡ଼ିଆ ଭାବେ ନିଜକୁ ଗର୍ବ କରନ୍ତି। ଆମର ଶିକ୍ଷା, ସଂସ୍କୃତି, ଐତିହ୍ୟ ମହାନ୍ ବୋଲି ସେ କହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ସନ୍ଦୀପ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାପତି ମାନସ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଓଲିଉଡ୍ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ମହୋତ୍ସବରେ ଯୋଗଦେଇଥିବା ଢେଙ୍କାନାଳ ସହରବାସୀ।

## ଦନ୍ତା ହାତୀ ଆକ୍ରମଣରେ ମହିଳା ଗୁରୁତର

ଭୁବନ, ୧୧।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଅଧିନରେ ଗୋଠଛଡା ଦନ୍ତାହାତୀର ଉପଦ୍ରବ ବଢ଼ିବାରେ ଲାଗିଛି । ଏହି ଦନ୍ତା ହାତୀ ଶୁକ୍ରବାର ସକାଳେ ଜଣେ ଚାଷୀଙ୍କୁ ବିଲରେ ଶୁଣ୍ଢରେ ଟେକି ଫୋପାଡ଼ି ଥିବାବେଳେ ଶନିବାର ଭୋର ସମୟରେ ଜଣେ ମହିଳାଙ୍କୁ ଆକ୍ରମଣ କରିଛି। ଗୁରୁତର ମହିଳା ଜଣକ ହେଲେ ମାର୍ଥାପୁର ଗ୍ରାମର ମାନସ ରଞ୍ଜନ ନନ୍ଦଙ୍କ ସ୍ତ୍ରୀ ଭାନୁପ୍ରଭା ନନ୍ଦ। ମହିଳା ଜଣକ ଭୋର ସମୟରେ ଫୁଲ ତୋଳିବାକୁ ଯାଉଥିବା ବେଳେ ହାତୀର ପାଖାପାଖି ହୋଇଯାଇଥିଲେ। ଅନ୍ଧାର ଓ କୁହୁଡିମଧ୍ୟରେ ଦନ୍ତାହାତୀଟି ମହିଳାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ମହିଳାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିବାରୁ ହାତୀଟି ପଳାଇଯାଇଥିଲା। ଗ୍ରାମବାସୀ ମହିଳାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ହାତୀପଲ ଘର ଭାଙ୍ଗିଲେ, ଖଳାରୁ ଖାଇଗଲେ ଧାନ

ଭୁବନ, ୧୧।୧(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ରେଞ୍ଜ ଅଧିନରେ କିଛିଦିନ ହେବ ବିଭିନ୍ନ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ବାରମ୍ବାର ମଣିଷଙ୍କୁ ଆକ୍ରମଣ କରୁଛନ୍ତି ତ କେତେକ ସ୍ଥାନରେ ବ୍ୟାପକ ଫସଲ ନଷ୍ଟ କରିବା ସହିତ ଲୋକଙ୍କ ଘର ଭାଙ୍ଗି ଦେଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦୟଣବିଲ ଗ୍ରାମର ବସନ୍ତ ସାମଲଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ ଓ ଚାଉଳ ବସ୍ତା ଟେକିନେଇ ବାହାରେ ଖାଇଦେଇଛନ୍ତି। ସେହିପରି ବମ୍ପୁଁଆ ଟିପିଲେଇ ଗ୍ରାମର ଦୁଷ୍ମନ୍ତ ରାଉତଙ୍କ ଘରେ ପଶି ଧାନ ଦଳି ନଷ୍ଟ କରିବା ସହ କମଳ ନାୟକ ଓ କନକଲତା ସାମଲଙ୍କର ପନ୍ଦର ଶହ ଧାନ ବିଡ଼ା ଖାଇ ନଷ୍ଟ କରିଛନ୍ତି। ଈଶ୍ୱର ଦେହୁରୀ ଖଳାରେ ରଖିଥିବା ୮୦ ବସ୍ତା ଧାନକୁ ଖାଇଦେବା ସହିତ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଦୁଇ ଦିନ ମଧରେ ହାତୀ ଆକ୍ରମଣରେ ଦୁଇଜଣ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ବନବିଭାଗ ହାତୀପଲଙ୍କୁ ଘଉଡ଼ାଇବାକୁ ନାକେଦମ ହୋଇଗଲେଣି। ହାତୀପଲ ଭୁବନ ଓ ସଡ଼ଙ୍ଗି ବନ୍ୟାଞ୍ଚଳରେ ରହୁଛନ୍ତି। ମଝିରେ ବ୍ରାହ୍ମଣୀ ନଦୀ ପ୍ରତିବନ୍ଧକ ସାଜୁଛି। ଏପରିକି ନଦୀର ଉଭୟ ପାର୍ଶ୍ୱରେ ବନବିଭାଗ ବାଣ ଫୁଟାଇବା କାରଣରୁ ହାତୀପଲ ଦୁଇଟି ଅଞ୍ଚଳରେ ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି । ଶନିବାର ରାତିରେ ଭୁବନ ଅଞ୍ଚଳରେ ଥିବା ହାତୀଗୁଡ଼ିକ ସଡ଼ଙ୍ଗି ଅଞ୍ଚଳକୁ ଯିବେ ବୋଲି ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି।।

# ଟାଟାଷ୍ଟିଲ୍ କପିଳାସ ହାଫ୍ ମାରାଥନ୍: ସାମିଲ ହେଲେ ୪୬୦୦ ଦୌଡ଼ପ୍ରେମୀ

■୨୧ କିମି ପୁରୁଷ ବର୍ଗରେ ଶୁଭମ ସିନ୍ଧୁ ଓ ମହିଳାରେ ଭାରତୀ ବିଜୟିନୀ

■କପିଳାସ ମାରାଥନ୍‌କୁ ଜାତୀୟ ଉତ୍ସବ ଭାବେ ସମ୍ପାଦିତ କରାଯିବ: ଧର୍ମେନ୍ଦ୍ର




ଢେଙ୍କାନାଳ,୧୧।୧(ରତନ ନାୟାର)

ଟାଟାଷ୍ଟିଲ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ଓ ଓଡ଼ିଶା ଆଥଲେଟିକ ଆସୋସିଏଶନର ସହଯୋଗୀତରେ ଶନିବାର ସକାଳ ୭ଟା ୪୦ମିନିଟରେ କପିଳାସଠାରେ ଟାଟାଷ୍ଟିଲ ହାଫ୍ ମାରାଥନର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । କପିଳାସ ବନ୍ୟଜନ୍ତୁ ଅଭୟାରଣ୍ୟ ପାରିପାର୍ଶ୍ୱିକ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଏହି ଦୌଡ଼ ଆୟୋଜିତ ହୋଇଥିଲା । ସାରା ଦେଶରୁ ଏଥିରେ ୪୬୦୦ ଦୌଡ଼ପ୍ରେମୀ ଭାଗ ନେଇଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତାକା ଦେଖାଇ କପିଳାସ ହାଫ୍ ମାରାଥନ ଶୁଭାରମ୍ଭ କରିବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କପିଳାସ ମାରାଥନକୁ ଜାତୀୟ ଉତ୍ସବ ରୂପେ ସମ୍ପାଦିତ କରାଯିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଯୁବ ବ୍ୟାପାର, କ୍ରୀଡା, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଜିଲାପାଳ ସୋମେଶ କୁମାର ଉପାଧାୟ, ଏସ୍‌ପି ଅଭିନବ ସୋନକର ଓ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଟାଟାଷ୍ଟିଲ ଉପସଭାପତି (ର-ମ୍ୟାଟେରିଆଲ୍ସ) ଡି.ବିସୁନ୍ଦର ରମମ୍, ଟାଟାଷ୍ଟିଲ ମେରାମଣ୍ଡଳି ଉପସଭାପତି (ଅପରେସନ୍ସ) ଉତ୍ତମ ସିଂହ, ସନ୍ଦିପ ଧୀର ଟାଟାଷ୍ଟିଲ ଟେକନିକାଲ ସର୍ଭିସେସ୍ ସିଇଓ ପ୍ରମୁଖ ଉପସ୍ଥିତ ଥିଲେ । ୨୧କିମି ପୁରୁଷ ବର୍ଗରେ ହରିୟାଣାର ଶୁଭମ ସିନ୍ଧୁ ବିଜୟୀ ହୋଇଥିବା ବେଳେ ମହିଳା ବର୍ଗରେ ହରିୟାଣାର ଭାରତୀ ବିଜୟିନୀ ହୋଇଛନ୍ତି। ଏମ୍‌ଜିଏମ୍ ମିନେରାଲସ, ନବ ଲିମିଟେଡ୍, ଇଣ୍ଡିଆନ ପୋଟାସ, ଖେମ୍‌କା ରିଫ୍ରାକ୍ଟୋରିଜ୍, ଆଇନକ୍ସ ଏୟାରପ୍ରଡକ୍ଟ, ଟାଟା-୧ ଏମ୍‌ଜି, ଟାଟାଷ୍ଟିଲ ଟେକନିକାଲ ସର୍ଭିସେସ ଲିମିଟେଡ୍, ଟାଟାଷ୍ଟିଲ ସପୋର୍ଟ ସର୍ଭିସେସ ଲିମିଟେଡ୍, ଟାଟାଷ୍ଟିଲ ୟୁଟିଲିଟ୍ ଆଣ୍ଡ୍ ଇନଫ୍ରାଷ୍ଟ୍ରକଚର ସର୍ଭିସେସ୍ ଲିମିଟେଡ, ଟାଟା ପିକମେଣ୍ଟସ୍ ଭଳି ଏହି ଅଞ୍ଚଳର ଅନ୍ୟ ଶିଳ୍ପ ସଂସ୍ଥାମାନେ ହାଫ୍ ମାରାଥନକୁ ସମର୍ଥନ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ,୧୧।୧(ରତନ ନାୟାର)

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଶନିବାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରମାନେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିବା ସହିତ ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା ସ୍ଲୋଗାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଓ ଏନ୍‌ସିସି ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଲୋଚନା ଭୁଟିଆ ଓ ମାମାଲି ମିଶ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ମହାପାତ୍ର ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ବ୍ରାଇଟ୍ ଷ୍ଟାର ସଂଗଠନର ସାଧାରଣ ବୈଠକ

ଢେଙ୍କାନାଳ,୧୧।୧(ରତନ ନାୟାର)

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ୧୯୭୧ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗଠିତ ବ୍ରାଇଟ୍ ଷ୍ଟାର ସଂଗଠନର ଏକ ସାଧାରଣ ବୈଠକ କୃଷ୍ଣକୁମାରପୁରସ୍ଥିତ ବିକେ ଆଗ୍ରୋ ରିସର୍ଟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପରିବେଶ ସୁରକ୍ଷା, ସାମାଜିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଜି. ଭାସ୍କର ରାଓ, ପ୍ରଫୁଲ୍ଲ ସାହୁ ଓ ଶଙ୍କରଲାଲ ଖେମକାଙ୍କ ଉଦ୍ୟମରେ ଆୟୋଜିତ ଏହି ବୈଠକରେ ସଙ୍ଗୀତ ଗୁରୁ ଦେବେନ୍ଦ୍ର ଶତପଥୀ, ସଙ୍ଗୀତ ସାଧିକା କୃଷ୍ଣା ଶତପଥୀ ଓ କଣ୍ଠଶିଳ୍ପୀ ଜୟା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବୈଠକରେ ସଦସ୍ୟମାନେ ଜୀବନର ଅଭୁଲା ସ୍ମୃତିକୁ ରୋମାନ୍ଥନ କରିଥିଲେ । ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ୫୦ଜଣ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ସମାଜସେବୀ ରେଖା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ପରବର୍ତ୍ତି ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା ।

## ପ୍ରଥମ ଶ୍ରାଦ୍ଧବାର୍ଷିକରେ କବି ମନୋରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି



ଢେଙ୍କାନାଳ,୧୧।୧(ରତନ ନାୟାର)

ଢେଙ୍କାନାଳ ଦଧିବାବନଜୀଉ ମଠଠାରେ ଗୁରୁବାର ବିଭାବନା ଓ କବିଭୂଷଣ ସ୍ମୃତି ସଂସଦ ପକ୍ଷରୁ କବି ମନୋରଞ୍ଜନ ନନ୍ଦଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକରେ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶୀତରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପ୍ରାରମ୍ଭରେ କବି ନିର୍ମଳା ମହାପାତ୍ର ଓ କବି କାଦମ୍ବରୀ ମହାକୁଡଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କବି ଲୋକନାଥ ମହାପାତ୍ର, କବି ଅଟଳ ବିହାରୀ ଦାସ, ଡ. ଉମେଶ ଚନ୍ଦ୍ର ଦାସ ଅତିଥି ଭାବରେ ଯୋଗଦେଇଥିଲେ। ବିଭାବନା ପତ୍ରିକାର ସମ୍ପାଦକ ଇଂ. ମାନସ କୁମାର ନନ୍ଦ, କବି ମନୋରଞ୍ଜନ ନନ୍ଦଙ୍କ ଜୀବନର ଏକ ଗ୍ରନ୍ଥାବଳୀ ପ୍ରକାଶ କରିବା ପାଇଁ ସ୍ଥିର କରିଥିବାରୁ ତାଙ୍କୁ ସମସ୍ତେ ଆଶିର୍ବାଦ ପ୍ରଦାନ କରିଥିଲେ । ସଂସଦର ସଭାପତି କବି ଶଙ୍କର୍ଷଣ ଶତପଥୀ, କବି ମନୋରଞ୍ଜନଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଭାବନାର ମୁଖ୍ୟ ସମ୍ପାଦିକା କବି ସଂଯୁକ୍ତା ମିଶ୍ର ବିଭାବନାକୁ ଆହୁରି ଦୃଢ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । କବିଭୂଷଣ ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଡ. ସମୀର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବି କବିତା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା



ଓଡ଼ାପଡ଼ା, ୧୧।୧ (ରଞ୍ଜିତ ନାୟକଢ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ନାଧରାସ୍ଥିତ ସିଦ୍ଧ ମା' ରାମଚଣ୍ଡୀ ପୀଠ ପରିସରରେ ୨୯ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟା ସମୟରେ ତଳବାଘଲୁଣ୍ଡା ଗ୍ରାମସ୍ଥିତ ଶିବମନ୍ଦିରରେ ପୂଜାର୍ଚ୍ଚନା ପରେ ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣୀ ନଦୀକୁ କଳସ ଆଣିବାକୁ ଯାଉଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀ ନଦୀରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମହିଳାମାନେ କଳସ ଆଣି ମନ୍ଦିର ପରିସର ଥିବା ଯଜ୍ଞସ୍ଥଳୀରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ୩୦୦୦ରୁ ଅଧିକ ମହିଳା ଯୋଗଦେଇଥିଲେ। ଆସନ୍ତା ୧୨ ତାରିଖ ରବିବାର ସୂର୍ଯ୍ୟପୂଜା, ଗୋ ପୂଜା, ବାସ୍ତୁପୂଜା, ଆଦିତ୍ୟ ହୃଦୟ ଚଣ୍ଡିପାଠ ସହିତ ଶ୍ରୀଶ୍ରୀ ଗୋକନେକେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ ପୂଜା ହେବ।

## ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ଅଧିବେଶନ



ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ଅଧିବେଶନ

ଢେଙ୍କାନାଳ,୧୧।୧(ରତନ ନାୟାର)

ଅବସରପ୍ରାପ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀ ସଂଘର ଦ୍ୱାଦଶ ବର୍ଷର ସାଧାରଣ ଅଧିବେଶନ ସ୍ଥାନୀୟ ଗୁଡିଆନାଳୀସ୍ଥିତ ସଂଘର ସ୍ଥାୟୀ ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସ୍ଥାୟୀ ସଭାପତି ଅନ୍ତର୍ଯ୍ୟାମୀ ବେହେରା ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଉତ୍ତମ କୁମାର ପାତ୍ର ଓ ମୁଖ୍ୟବକ୍ତା ଭାବେ ଅବରପ୍ରାପ୍ତ ପ୍ରକଳ୍ପ ମୁଖ୍ୟ ରାମଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ସଂଘର ନୂତନ ସଭାପତି ଭାବେ ରମେଶ ଚନ୍ଦ୍ର ଦେହୁରୀ, ସଂପାଦକ ଭାବେ ଅନ୍ତର୍ଯ୍ୟାମୀ ବେହେରା, ସହ ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ସାହୁ, ଉପସଭାପତି ଭାବେ ହେମନ୍ତ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ଦାସଙ୍କୁ ନୂତନ ଭାବେ ନିର୍ବାଚିତ କରାଯାଇଥିଲା। ବିନୋଦ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସଂଘର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ସଂଘର କେତେକ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆଲୋଚନା ହୋଇଥିଲା । ଅବସରପ୍ରାପ୍ତ କର୍ମଚାରୀଙ୍କୁ ବାର୍ଷିକ ଚିକିତ୍ସା ଭତ୍ତା ପ୍ରଦାନ ଓ ବିଏସ୍‌କେୱାଇ କାର୍ଡ ପ୍ରଦାନ ସମ୍ବନ୍ଧୀୟ ଦାବି ପ୍ରଦାନ ପାଇଁ ଆଲୋଚନା ହୋଇଥିଲା । ବୈଠକରେ ୫୧ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ।

# କପିଳାସ ଅବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

■ମୁଖ୍ୟ ମନ୍ଦିର ଗର୍ଭଗୃହର ସୌନ୍ଦର୍ଯ୍ୟକରଣ ପାଇଁ ନିର୍ଦ୍ଦେଶ

■ମା' ପାର୍ବତୀଙ୍କ ମନ୍ଦିର ସମ୍ପୂର୍ଣ୍ଣ ନବୀକରଣ ହେବ

ଢେଙ୍କାନାଳ,୧୧।୧(ରତନ ନାୟାର)



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ଦାବୀପତ୍ର ପ୍ରଦାନ।

ରାଜ୍ୟ ତଥା ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସର ଅବ୍ୟବସ୍ଥା ସମ୍ପର୍କରେ କପିଳାସଠାରେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ୧୧ଦଫା ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କପିଳାସ ପୀଠକୁ ଯାଇ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମାତା ପାର୍ବତୀଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନା ପରେ ମୁଖ୍ୟ ମନ୍ଦିର ଗର୍ଭଗୃହର ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ଜଗମୋହନର ମରାମତି, ମୁଖ୍ୟ ମନ୍ଦିରର ଦଧୀନଉତୀ ନିକଟରେ ଦେଖାଯାଇଥିବା ଫାଟର ମରାମତି, ଭୋଗ ମଣ୍ଡପ ଓ ଯୋଗ ମଣ୍ଡପର ମରାମତି, ସ୍ନାନ କୁଣ୍ଡର ମରାମତି, ପାର୍ବତୀ ମନ୍ଦିରର ସମ୍ପୂର୍ଣ୍ଣ ନବୀକରଣ, ମୁଖ୍ୟମନ୍ଦିର ବେଢା ଓ ପ୍ରୋଟେକ୍ସନ ୱାଲ ନିର୍ମାଣ, ପାହାଚ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । କପିଳାସ ମୁଖ୍ୟ ମନ୍ଦିରର ଗର୍ଭଗୃହ ସାଙ୍ଗକୁ ମା' ପାର୍ବତୀଙ୍କ ମନ୍ଦିର ମରାମତି ଏବଂ ମନ୍ଦିର ଚତୁଃପାର୍ଶ୍ୱ ବେଢା ଦବୁଥିବାରୁ ଏହାର ମରାମତି ଓ ନିର୍ମାଣ ପାଇଁ ଜାତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ନିର୍ଦ୍ଦେଶ ଦେବା ନିମନ୍ତେ ପରିଷଦ ପକ୍ଷରୁ ଦାବି କରାଯାଇଥିଲା । କପିଳାସ ସଂରକ୍ଷିତ ଜଙ୍ଗଲ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଭୟାରଣ୍ୟ ଘୋଷିତ ହୋଇଥିବାରୁ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ବିଭିନ୍ନ ସମୟରେ ବାଧା ଉପୁଜୁଛି । ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ବନବିଭାଗ ଦ୍ୱାରା ଅଧିକୃତ ହୋଇଥିବା ୮୦ଏକର ଜାଗାରେ କପିଳାସ ପାଦଦେଶରେ ଏକ ପ୍ରାଣୀ ଉଦ୍ୟାନ ସ୍ଥାପନ କରାଯାଇଛି। ତେଣୁ ଜଙ୍ଗଲ ବିଭାଗ କପିଳାସ ପୀଠ ଉପରେ ସେତିକି ପରିମିତ ଜମି ଶ୍ରୀଜୀଉଙ୍କୁ ହସ୍ତାନ୍ତର କରିଲେ, ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଥିଲା । କପିଳାସ ପୀଠରେ ଏକ ବେଦ ଓ କର୍ମକାଣ୍ଡ ମହାବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା କରାଯିବାର ଘୋଷଣା ଅନୁସାରେ ଗତ ୧ବର୍ଷ ଧରି ବିଦ୍ୟାଳୟଟି ଦେଓଗାଁ ଗ୍ରାମରେ ଏକ ଭଡ଼ାଘରେ ଚାଲୁଛି। ଏହି ମହାବିଦ୍ୟାଳୟର ଏକ ସ୍ଥାୟୀ କ୍ୟାମ୍ପସ ପାଇଁ କପିଳାସ ପାଦଦେଶରେ ଥିବା ନିରୁପମା ହୋଟେଲ ପାଖର ୫ଏକର ଜମିକୁ ହସ୍ତାନ୍ତର କରିବା ପାଇଁ ଦାବି ହୋଇଥିଲା । ସେହିପରି ବିଚାରାଧୀନ ଥିବା ରୋପୱେ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ । ଦୁର୍ଗାପ୍ରସାଦ ଗ୍ରାମରେ କମ୍ପାନୀ ପ୍ରତିଷ୍ଠା ପାଇ ଶ୍ରୀଜୀଉଙ୍କର ୨୦୬ଏକର ଜମି ଯାଉଥିବାରୁ ବର୍ତ୍ତମାନର ବର୍ଦ୍ଧିତ କ୍ଷତିପୂରଣ ଶ୍ରୀଜୀଉଙ୍କ ଟ୍ରଷ୍ଟ ଖାତାକୁ ଆସିବା ଜରୁରୀ । ପ୍ରତିଷ୍ଠା ହେବାକୁ ଥିବା ଏହି ୱାରୀ ସୋଲାର କମ୍ପାନୀର ସିଏସ୍‌ଆର ଫଣ୍ଡରୁ କପିଳାସ ଦେବସଭା ପର୍ଯ୍ୟନ୍ତ ଆଲୋକୀକରଣ କରିବା ପାଇଁ ଏକ ସୋଲାର ପାୱାର ଷ୍ଟେଶନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା । କପିଳାସ ପାଦଦେଶରେ ଢେଙ୍କାନାଳ-ମନ୍ଦାର ରାସ୍ତାରେ ଶ୍ରୀଜୀଉଙ୍କର ୧୨୦୦ ଏକର ପରିମିତ ଏକ ଉଜୁଡା କାଜୁ ଜଙ୍ଗଲ ରହିଛି । ସେହି ଜମିର କିଛି ଅଂଶରେ ମହିଶୂରର ବୃନ୍ଦାବନ ଗାର୍ଡେନ ଢାଞ୍ଚାରେ ଏକ ପର୍ଯ୍ୟଟନ ସ୍ଥଳୀ ନିର୍ମାଣ କରାଯାଉ। କପିଳାସ ପୀଠ ଓ ତା'ର ପାଦଦେଶରେ ଏକ ୨୦୦ସଂଖ୍ୟା ବିଶିଷ୍ଟ ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉ । ଧର୍ମଶାଳା ଛାତ ଉପରେ ୨୦୦ଶଯ୍ୟା ବିଶିଷ୍ଟ ଭକ୍ତ ନିବାସ ପ୍ରତିଷ୍ଠା ହେଉ । ସେହିପରି ଏକ ଶିଶୁ ଉଦ୍ୟାନ ନିର୍ମାଣ ସହ ୨୦୦ସିଟ୍ କ୍ଷମତାପ୍ରାପ୍ତ ଏକ ପ୍ରେକ୍ଷାଳୟ ନିର୍ମାଣ ହେଉ । ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଅତି କମରେ ୫ଟି ସାମୂହିକ ଶୌଚାଳୟ ନିର୍ମାଣ ସହ ପର୍ଯ୍ୟାପ୍ତ ବିଦ୍ୟୁତକରଣ କାର୍ଯ୍ୟ କରାଯାଉ । ଦାବିପତ୍ର ପ୍ରଦାନ ସହ ବୈଠକରେ ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ, କପିଳାସ ସୁରକ୍ଷା ପରିଷଦର ଉପଦେଷ୍ଟା ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ସେବାୟତ ସଂଘ ସମ୍ପାଦକ ଗୁରୁଚରଣ ମହାପାତ୍ର, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ, ଜିଲାପାଳ ସୋମେଶ କୁମାର ଉପାଧାୟଙ୍କ ସମେତ ପ୍ରତ୍ନତତ୍ତ୍ୱ ବିଭାଗ, ପର୍ଯ୍ୟଟନ ବିଭାଗ, ବନବିଭାଗ, ରାଜସ୍ୱ ବିଭାଗ ଓ ପୂର୍ତ୍ତ ବିଭାଗର ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ପାଣିପମ୍ପ ଚୋରି, ଜଣେ ଗିରଫ

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମରୁ ପାଣିପମ୍ପ ଚୋରି ଅଭିଯୋଗରେ ପୋଲିସ ସେହି ଗ୍ରାମର ସଂସାର ନାଏକଙ୍କୁ ଗିରଫ କରିଛି। ପୋଲିସ କହିଛି, ବ୍ରାହ୍ମଣବିଲ ଗାଁର ଭାବଗ୍ରାହୀ ସାହୁଙ୍କ ବଗିଚାରେ ଲାଗିଥିବା ପାଣିପମ୍ପ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୯/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ସଂସାରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ଘୋଡ଼ାଶାଳ ମୁଖ୍ୟ ଫାଟକର ହେବ ସୌନ୍ଦର୍ଯ୍ୟକରଣ

ତାଳଚେର, ୧୧।୧(ମନୋଜ ନନ୍ଦ)



■ତାଳଚେର ପୌର ପରିଷଦ ପକ୍ଷରୁ ୪୩ ଲକ୍ଷ ଟଙ୍କା ମଞ୍ଜୁର
■ମୁଖଶାଳା ଉଭୟ ପାର୍ଶ୍ୱରୁ ହେବ ଜବରଦଖଲ ଉଚ୍ଛେଦ
■ଆଗାମୀ ଦିନରେ ଘୋଡ଼ାଶାଳ ଗେଟ୍ ରାସ୍ତାର ପ୍ରଶସ୍ତୀକରଣ

ରାଜାରାଜୁଡ଼ା ଅମଳରୁ ଥିବା ତାଳଚେର ଫାଷ୍ଟଗେଟ୍‌ର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିବା ବେଳେ ଅନ୍ୟ ଦୁଇ ମୁଖଶାଳା ତଥା ହାତୀଶାଳ ଏବଂ ଘୋଡ଼ାଶାଳ ମୁଖଶାଳାର ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ପୌର ପରିଷଦ ପକ୍ଷରୁ ୪୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ତାଳଚେର ନଗରପାଳ ପବିତ୍ର ଭୂତିଆ ଏହି ପୁରୁଣା କୀର୍ତ୍ତିରାଜିକୁ ନୂଆ ରୂପ ଦେବାକୁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ତାଳଚେର ସହରାଞ୍ଚଳରେ ରାଜାଙ୍କ ଅମଳରୁ ନିର୍ମିତ ଫାଷ୍ଟଗେଟ, ହାତୀଶାଳ ଏବଂ ଘୋଡ଼ାଶାଳ ମୁଖଶାଳାର ଉନ୍ନୟନ କାର୍ଯ୍ୟ ଦୀର୍ଘବର୍ଷ ହେଲା ହୋଇ ପାରୁ ନ ଥିବାରୁ ତାଳଚେରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ପୌରପରିଷଦ ବୈଠକରେ ବାରମ୍ବାର ଏହାକୁ ନେଇ ଆଲୋଚନା ହୋଇଆସୁଥିଲା। ଦୁଇ ମାସ ପୂର୍ବରୁ ତାଳଚେର ଫାଷ୍ଟଗେଟ୍‌ର ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିବା ବେଳେ ହାତୀଶାଳ ଏବଂ ଘୋଡ଼ାଶାଳ ମୁଖଶାଳା ସୌନ୍ଦର୍ଯ୍ୟକରଣ ପାଇଁ ନଗରପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ଦୁଇ ଫାଟକର ମୁଖଶାଳା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୌରପରିଷଦ ପକ୍ଷରୁ ୪୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେଥିରୁ ଘୋଡ଼ାଶାଳ ମୁଖଶାଳା ପାଇଁ ୨୫ ଲକ୍ଷ ଓ ହାତୀଶାଳ ମୁଖଶାଳା ପାଇଁ ୧୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପୌରଯନ୍ତ୍ରୀ ଗୋଲଖ ସାହୁ ପ୍ରକାଶ କରିଛନ୍ତି। ଏଥିସହିତ ଏହି ଦୁଇ ମୁଖଶାଳାର ଉଭୟ ପାର୍ଶ୍ୱରେ ଜବରଦଖଲ ହୋଇଥିବାରୁ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଘୋଡ଼ାଶାଳ ଗେଟ୍ ରାସ୍ତା ପ୍ରଶସ୍ତୀକରଣ କରାଯିବ। ସେଥିପାଇଁ ନଗରପାଳ ଭୂତିଆ, ପୌର ନିର୍ବାହୀ ଅଧିକାରୀ ଦେହୁରୀ, ଓ ପୌରଯନ୍ତ୍ରୀ ତାଳଚେର ରାଜାଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜା ସାହେବ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି। ସାଧାରଣ ଲୋକଙ୍କ ଚାହିଦା ଅନୁଯାୟୀ ଏବଂ ଏହି ଐତିହ୍ୟକୁ କିପରି ଅଧିକ ସୌନ୍ଦର୍ଯ୍ୟକରଣ କରାଯାଇପାରିବ ତା ଉପରେ ଧ୍ୟାନ ଦିଆଯାଉଥିବା ନଗରପାଳ ଭୂତିଆ କହିଛନ୍ତି।

# ଘର ଭାଙ୍ଗିଲା ଦନ୍ତାହାତୀ

ଛେଣ୍ଡିପଦା,୧୧।୧ (ଅଜିତ ଧଳ)

ଛେଣ୍ଡିପଦା ବନାଞ୍ଚଳ ପାତ୍ରପଡ଼ା ପଞ୍ଚାୟତର ଖଇରବେରଣୀ ଗ୍ରାମରେ ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ ପଶି ଘର ଭାଙ୍ଗି ଧାନ ଚାଉଳ ଖାଇଥିବା ବେଳେ ଗୋଟିଏ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ବାଘୁଆବୋଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଉକ୍ତ ହାତୀ ରାତିରେ ଖଇରବେରଣୀ ଗ୍ରାମ ଭିତରକୁ ପଶି ଆସିଥିଲା। ଗ୍ରାମର କାଳିଆ ନାଏକଙ୍କ ଘର କାନ୍ଥ ଭାଙ୍ଗି ଦେବାରୁ ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ଘରେ ଥିବା ଧାନ ଓ ଚାଉଳକୁ ହାତୀ ଖାଇଦେବା ସହିତ ଆସବାବପତ୍ର ଭାଙ୍ଗି ନଷ୍ଟ କରିଥିଲା। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। କାଳିଆଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।



# ଫେବୃଆରୀ ୧୬ରେ ବ୍ରାହ୍ମଣ ମହାସଂଘ ରାଜ୍ୟ ସମ୍ମିଳନୀ



ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ,୧୧।୧(ମାନସ ବିଶ୍ୱାଳ)

ଆସନ୍ତା ଫେବୃଆରୀ ୧୬ରେ ହେବାକୁ ଥିବା ବ୍ରାହ୍ମଣ ମହାସଂଘର ରାଜ୍ୟ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଗୋଳ ସହରସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସ୍ଥାୟୀ ସଭାପତି ବ୍ୟୋମକେଶ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଆର୍ତ୍ତଭଞ୍ଜନ ଦାଶ ସଭା ପରିଚାଳନା କରିଥିଲେ। ରାଜ୍ୟ ସମ୍ମିଳନୀ ନିମନ୍ତେ ପୂର୍ବ ପ୍ରସ୍ତୁତ କାର୍ଯ୍ୟଗୁଡ଼ିକୁ ସମୀକ୍ଷା କରାଯାଇଥିଲା।

ରାଜ୍ୟ ସମ୍ମିଳନୀର ସଫଳ ରୂପାୟନ ନିମନ୍ତେ ଚିତ୍ତରଞ୍ଜନ ମିଶ୍ର, ପବିତ୍ର କୁମାର ଶତପଥୀ, ରାମଚନ୍ଦ୍ର ତ୍ରିପାଠୀ ଓ ସୁରେଶ କୁମାର ଶତପଥୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସର୍ବଭାରତୀୟ ବ୍ରାହ୍ମଣ ମହାସଂଘ ସଭାପତି, ଉପସଭାପତି, ସମ୍ପାଦକ ଓ ଶକ୍ତି ବାହିନୀ ସଭାପତିଙ୍କୁ ନିମନ୍ତ୍ରଣ କରିବାକୁ ସ୍ଥିର ହୋଇଥିଲା। ସମସ୍ତ ଜିଲାର ପ୍ରତିନିଧିଙ୍କ ଆଗମନକୁ ଆଖି ଆଗରେ ରଖି ସେମାନଙ୍କ ରହିବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଫେବୃଆରୀ ୧୬ ତାରିଖରେ ରାଜ୍ୟ ସମ୍ମିଳନୀ ସହ ଏକ ଶୋଭାଯାତ୍ରା ଧର୍ମଶାଳାଠାରୁ ବାହାରି ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ଫେବୃଆରୀ ୧୭ରେ ଅନୁଗୋଳ ଦଶହରା ପଡ଼ିଆଠାରେ ସାମୂହିକ ବ୍ରତୋପନୟନ କରାଯିବ ଓ ଏଥିନିମନ୍ତେ ଫେବୃଆରୀ ୧୦ ସୁଦ୍ଧା ସଙ୍ଗଠନର ସଭାପତିଙ୍କୁ ଆବେଦନ କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିଲା। ଉକ୍ତ ସଭାରେ ନାରାୟଣ ପଣ୍ଡା, ଗୋପୀନାଥ ତ୍ରିପାଠୀ, ବିଭୂତି ଭୂଷଣ ମହାପାତ୍ର, ଭବାନୀ ଶଙ୍କର ମିଶ୍ର, ଚିଦାନନ୍ଦ ହୋତା, ପ୍ରଶାନ୍ତ କୁମାର ଦାଶ, ମାନସ ରଞ୍ଜନ ଦାଶ, କୃଷ୍ଣ ଆଚାର୍ଯ୍ୟ, ଅଞ୍ଜନ କୁମାର ପାଣି, ବିକ୍ରମ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ଛେଣ୍ଡିପଦା,୧୧।୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର କୋଶଳା ସମବାୟ ସମିତିଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିଜୟ କୁମାର ମାଝୀ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ସରପଞ୍ଚ ଉଦିତ ପ୍ରଧାନ ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସେହିପରି ବାଗଡିଆ ସେବା ସମବାୟ ସମିତି, ଛେଣ୍ଡିପଦା ଓ ଚାଙ୍ଗୁଡ଼ିଆ ସେବା ସମବାୟ ସମିତିରେ ବିଧାୟକ ଯୋଗଦେଇ ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ । ଚଳିତବର୍ଷ ସରକାର ଚାଷୀଙ୍କୁ ସର୍ବାଧିକ ଗୁରୁତ୍ୱ ଦେବା ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରୁଛନ୍ତି। ସମସ୍ତ ଚାଷୀଙ୍କ ଧାନ ମାର୍ଚ୍ଚ ମଧ୍ୟରେ କ୍ରୟ କରାଯିବ। ଚାଷୀଙ୍କ ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅକ୍ଷୟପାଦ ବେହେରା, ଚୌଧୁରୀ ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଧୋବେଇ ସାହୁ, ସୁନୀଲ ସାହୁ, ଜଗଦୀଶ ସାହୁ, ତ୍ରିଲୋଚନ ବେହେରାଙ୍କ ସମେତ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଓ ଚାଷୀ ଯୋଗ ଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟମାନେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହେବ ଆନ୍ଦୋଳନ



ବୈଠକରେ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ବଇଣ୍ଡା,୧୧।୧ (ପରିକ୍ଷିତ ସାହୁ)

## ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନି

କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଏହି ପ୍ରକଳ୍ପ ପାଇଁ ବହୁ ବର୍ଷ ହେବ ଅଞ୍ଚଳବାସୀ ସଂଘର୍ଷ କରୁଥିଲେ ମଧ୍ୟ ସରକାର ଦୃଷ୍ଟି ଦେଉ ନ ଥିବା ଯୋଗୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପ୍ରକଳ୍ପ ନିର୍ମାଣ ଦାବି ନେଇ ଆସନ୍ତା ଫେବୃଆରୀ ୩ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଶନିବାର କିଶୋରନଗର ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଜଏରାଟ ନିକଟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଯୋଗେନ୍ଦ୍ର ବିଶ୍ୱାଳ, ରାମଚନ୍ଦ୍ର ଦେହୁରୀ, ବସନ୍ତ ସାହୁ, ଶ୍ରୀକର ବେହେରା, ରମାକାନ୍ତ ପ୍ରଧାନ, ସୁରୁଚି ପ୍ରଧାନ, ବସୁମତି ସାହୁଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ପାଇଁ ବହୁ ବର୍ଷ ହେବ ଚାଷୀମାନେ ଦାବି କରି ଆସୁଛନ୍ତି। ଏପରିକି ବ୍ଲକ ଠାରୁ ଆରମ୍ଭ କରି ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଏହି ପ୍ରକଳ୍ପ ନିର୍ମାଣ ପାଇଁ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ଡିସେମ୍ବର ୧୬ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିବା ଯୋଗୁ ଫେବୃଆରୀ ୩ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଗଣ୍ଡମାଳା ଧାନମଣ୍ଡି ଶୁଭାରମ୍ଭ

ପବିତ୍ରନଗର,୧୧।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକର ଗଣ୍ଡମାଳା ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ମହାନ୍ତି ଧାନର ସର୍ବନିମ୍ନ ସହାୟକ ରାଶି ୩୧୦୦ ଟଙ୍କା ଚାଷୀଙ୍କୁ ମିଳିବାର ଗ୍ୟାରେଣ୍ଟି ଦେବା ସହ ଅଞ୍ଚଳବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଥିଲେ। ଏ ସରକାର ଚାଷୀ ଉପକାରୀ ସରକାର ବୋଲି କହିବା ସହ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ଏଫଏକ୍ୟୁ ମନର ଧାନକ୍ରୟ କରିବା ପାଇଁ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଏହି ଅବସରରେ ସ୍ଥାନୀୟ ସମବାୟ ସମିତି ସଭାପତି ରଞ୍ଜନ ସାମଲଙ୍କ ସହିତ ସମବାୟ ସମିତିର ସମସ୍ତ ନିର୍ଦ୍ଦେଶକ, ସରପଞ୍ଚ ତପସ୍ୱିନୀ ପାତ୍ର, ମୀରା ପ୍ରଧାନ, ସମିତି ସଭ୍ୟା ଭାରତୀ ସାହୁ, ଆର୍‌ଏମ୍‌ସି ସମ୍ପାଦକ ଜଦୁମଣି ନାୟକ, ଏଆର୍‌ସିଏସ୍ ଅନିଲ ରଥ, ଭାଜପା ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ବରିଷ୍ଠ ଭାଜପା ନେତା ପ୍ରହଲ୍ଲାଦ ସାମଲ, ସମିତିର ପୂର୍ବତନ ସଭାପତି ବିନୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାକୁଡିଆ ସମବାୟ ସମିତିରେ ମଧ୍ୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

# ତ୍ରିରଙ୍ଗା କ୍ରିକେଟ କ୍ଲବର ପ୍ରସ୍ତୁତି ବୈଠକ

ଡେରଙ୍ଗ/ ପବିତ୍ରନଗର,୧୧।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଡେରଙ୍ଗ ମଝିସାହି ତ୍ରିରଙ୍ଗା କ୍ରିକେଟ କ୍ଲବର ୨୬ ତମ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିମଳ ଦାସଙ୍କ ଅଧ୍ୟକ୍ଷତାରେ ଗ୍ରାମର ମୁଖ୍ୟ ଲୋକମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ପ୍ରଥମ କରି ଜିଲାସ୍ତରୀୟ ପ୍ରତିଯୋଗିତା ହେଉଥିବାରୁ ଏହାକୁ କେମିତି ସୁଚାରୁ ରୂପେ ଆୟୋଜନ କରାଯିବ, ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ୧୮ରୁ ୨୦ ତାରିଖ ଯାଏ ଏହି ପ୍ରତିଯୋଗିତା କରାଯିବ ଓ ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅଧ୍ୟକ୍ଷତା କରିଥିବା ବିମଳ ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ଡେରଙ୍ଗ ମଝିସାହି ତ୍ରିରଙ୍ଗା କ୍ରିକେଟ କ୍ଲବର କର୍ମକର୍ତ୍ତାମାନେ।

# ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଚେତନତା




ସଚେତନତା ଶୋଭାଯାତ୍ରାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ତାଳଚେର,୧୧।୧(ମନୋଜ ନନ୍ଦ)

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ତାଳଚେର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଚେତନତା ଅଭିଯାନ କଲମଛୁଇଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ତାଳଚେର ମୋଟର ଯାନ ନିରୀକ୍ଷଣ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଗୋପାଳପ୍ରସାଦ ଥାନା ଅଧିକାରୀ ବିକାଶ କୁମାର ସାମଲ, ଟ୍ରାଫିକ ଅଧିକାରୀ ରମାକାନ୍ତ ନାଏକ, ଶିଶୁମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଓ ପ୍ରଧାନ ଆଚାର୍ଯ୍ୟ ଅନୀଲ କୁମାର ଦେହୁରୀ ପ୍ରମୁଖ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମଦ୍ୟପାନ କରି ଗାଡ଼ି ନ ଚଳାଇବା, ୧୮ବର୍ଷରୁ କମ୍ ଏବଂ ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା, ହେଲମେଟ୍ ବ୍ୟବହାର କରି ଗାଡ଼ି ଚଳାଇବାକୁ ସଚେତନ କରାଯାଇଥିଲା। ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବରିଷ୍ଠ ଆଚାର୍ଯ୍ୟ ଅନୀଲ ସାହୁ, ଚତୁର୍ଭୂଜ ସାହୁ, କୁମୁଦ ବେହେରା, କମଳ ପ୍ରଧାନ, ବସନ୍ତ ମହାନ୍ତି, ଭଗବାନ ବେହେରା, ଦୁର୍ଯ୍ୟୋଧନ ସାହୁ, ଭଗବତୀ ମହାପାତ୍ର, କୁମୁଦ ସାହୁ, ରବିନ ବରାଳ, ମଳୟ ଦାସ, ସୁଶ୍ରୀ ତ୍ରିପାଠୀ, ଦମୟନ୍ତୀ ନନ୍ଦ, ଶୁଭସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖମାର,୧୧।୧ (ରଜନୀକାନ୍ତ ମହାରଣା)

ପାଲଲହଡା ବ୍ଲକ ଖମାର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀମାନଙ୍କୁ ନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଷ୍ଟର ଟ୍ରେନର ସୁବ୍ରୀନା ବିଶ୍ୱାଳ, ବାଳିକା ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ମମତା ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ସମ୍ପର୍କରେ ବୁଝାଇଥିଲେ। ଏଥିରେ ମୋଟ ୩୪୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଅଧ୍ୟାପକ ଅଶୋକ କୁମାର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ବ୍ଲକ ମାନ୍ୟତା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି

ବଇଣ୍ଡା,୧୧।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଚାରିମଲିକ ଅଞ୍ଚଳରେ ନୂଆ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏ ନେଇ ଶନିବାର ପାଇକସାହି କଲ୍ୟାଣ ମଣ୍ଡପ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ବୈଠକ କାଶୀ ବିଶ୍ୱନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିବେକାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଦିବାସୀ ଅଧ୍ୟୁଷିତ ୧୭ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ପାଇଁ ଦାବି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆଠମଲ୍ଲିକ ବ୍ଲକର ମଇମୁରା, କନ୍ତପଟାପୋଲ, ପାଇକସାହି, ସାପଘରା, ପେଡ଼ିପଥର, ସାନହୁଲା, କୁରୁମଟାପ, କୃତିବାସପୁର ଆଦିପଞ୍ଚାୟତ ସହ ଅନୁଗୋଳ ବ୍ଲକର ଟିକରପଡ଼ା ପୁରୁଣାକୋଟ, ଜଗନ୍ନାଥପୁର, ଟାଇଁସି, କୋଠଭୂଇଁ ଓ ଅନ୍ତୁଳିଆ ଆଦି ପଞ୍ଚାୟତର ମଧ୍ୟସ୍ଥଳରେ ଏକ ନୂଆ ବ୍ଲକ ଗଠନ କରିବା ନେଇ ପ୍ରସ୍ତାବ ସରକାରଙ୍କ ନିକଟରେ ରଖାଯିବା ପାଇଁ ଆଲୋଚନା ହୋଇଥିଲା। ଏପରିକି ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବି ଉପସ୍ଥାପନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପପୁ ପ୍ରଧାନ, ପ୍ରସନ୍ନ ବେହେରା, ସୁବଳ ବେହେରା, ବୀରବର ନାୟକ, କାଳିଆ ବେହେରା, ସୁବାସ ନାୟକ, ସୁବାଶିଷ ପ୍ରଧାନ, ଶୁଭେନ୍ଦୁ ଶେଖର ସାହୁ, ଦୁଷ୍ମନ୍ତ ଗଡତିଆ, ନିରାକାର ଗଡତିଆଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବଇଣ୍ଡା,୧୧।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଗାଁବଇଣ୍ଡା ନିକଟସ୍ଥ କରଡ଼ାବଣି ଗ୍ରାମର କୀର୍ତ୍ତନ ନାୟକ (୪୫)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଶନିବାର ଜବତ କରିଛି। ପାରିବାରିକ କଳହରୁ କୀର୍ତ୍ତନ ବେକରେ ରଶି ଲଗାଇ ଘର ଅଗଣାରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, କୀର୍ତ୍ତନ ଓ ସ୍ତ୍ରୀ କୁନ୍ତଳାଙ୍କ ମଧ୍ୟରେ ସକାଳେ ଝଗଡ଼ା ହୋଇଥିବାରୁ କୁନ୍ତଳା ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। ଏହାପରେ କୀର୍ତ୍ତନ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ, ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି।

# ବାଜି ରାଉତ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ଖେଳାଳି।

ଆଠମଲ୍ଲିକ,୧୧।୧(ଉଦୀପ୍ତ ପୁରୋହିତ)

ଆମେ ଓଡ଼ିଆ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ଡ. ମୃଦଳା ଠାକୁର ପ୍ରଧାନଙ୍କ ପକ୍ଷରୁ ଆୟୋଜିତ ସାଂସଦ କ୍ରୀଡ଼ା ମହୋତ୍ସବର ବାଜି ରାଉତ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଆଠମଲ୍ଲିକ ମିନି ଷ୍ଟାଡିଅମରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ତଥା ପୂର୍ବତନ ପୌର ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ମିଶ୍ର, ଜିଲା ଭାଜପା ସମ୍ପାଦକ ଚିତ୍ତରଞ୍ଜନ ମେହେର, କ୍ରୀଡ଼ା ସଂସଦର ରଞ୍ଜନ ମହାକୁଡ଼, କାଉନସିଲର ନୂତନ ବେହେରା, ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଭାଜପା ନେତା ପିନା ପାଣିଗ୍ରାହୀ, ଅବନୀ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜିଏଲଏଫସି ଆଠମଲ୍ଲିକ ଏବଂ ନଅଗାଁ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବେକର ସହାୟତାରେ ୪-୧ ଗୋଲରେ ଜିଏଲଏଫସି ଆଠମଲ୍ଲିକ ବିଜୟୀ ହୋଇଥିଲା। ସେହିପରି ଅପରାହ୍ନରେ ଅନୁଷ୍ଠିତ ୩ଟି ମ୍ୟାଚରେ ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାକୁଡ଼, ନଗର ସଭାପତି ଶୈଳବାଳା ଅମାନ୍ତ, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଘନଶ୍ୟାମ ବେହେରା, ସମ୍ପାଦକ ସବ୍ୟସାଚୀ ସିଂ, ବରିଷ୍ଠ ଆଇନଜୀବୀ ଅଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଯୁବମୋର୍ଚ୍ଚା ଉପସଭାପତି ମନୋଜ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଫରି ଭାବେ ଦିଲୀପ ରାଉତ ଦାୟିତ୍ୱ ତୁଲାଇ ଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବାହିନୀ ମୁତୟନ ଥିଲେ। ପ୍ରଫୁଲ୍ଲ ସାହୁ ଧାରା ବିବରଣୀ ଦେଇଥିଲେ।

